# ସନ୍ଧ୍ୟା

ମଧୁସୂଦନ ରାଓ

ଅସ୍ତ ହେଲେ ଦିନମଣି ହେଲା ଦିନ ଶେଷ
ଆସଇ ରଜନୀରାଣୀ ଧରି କଳାବେଶ,
ସନ୍ଧ୍ୟା ହେଲା ସନ୍ଧ୍ୟା ହେଲା ବୋଲି ପକ୍ଷୀଗଣ
ରାବଦେଇ ଯେଝା ବାସେ କରନ୍ତି ଗମନ ।





ଧୂଳି ଉଡ଼ାଇଣ ଦାଣ୍ଡେ କରି ହମ୍ବା ରଡ଼ି
ଯାଉଛନ୍ତି ଗୋରୁପଲ ଗୋଠରୁ ବାହୁଡ଼ି,
ହଳ କାମ ସାରି ଚଷା ମହାଆନନ୍ଦରେ
ନାନା ରଙ୍ଗେ ଗୀତ ଗାଇ ବାହୁଡ଼ଇ ଘରେ ।



ଚାହୁଁ ଚାହୁଁ ଅନ୍ଧକାର ଘୋଟଇ ଗଗନ
ଆବରଇ ଜଳ ସ୍ଥଳ ପର୍ବତ କାନନ।
ରତ୍ନ ଦୀପାବଳି ପ୍ରାୟେ ତାରା କୋଟିକୋଟି,
ଜଳୁଛନ୍ତି ଆକାଶରେ ହୋଇ ଗୋଟିଗୋଟି ।



ଭାଙ୍ଗି ଯାଇଅଛି ଏବେ ଦିବସ ଗହଳ,
ନାହିଁ ଆଉ ଏ ଭୁବନେ ଜୀବନ ଚହଳ ।
ଦିନ-ଶ୍ରମ ଅନ୍ତେ ବସି ନିଜନିଜ ଘରେ,
ବିଶ୍ରାମ ଲୋଡ଼ନ୍ତି ସର୍ବେ ଆକୁଳ ଅନ୍ତରେ।
ଧୀରେ ଆସୁଅଛି ନିଦ୍ରା, ନରନାରୀଗଣ,
ତାହାର ପରଶେ ଏବେ ମୁଦିବେ ନୟନ ।

## ଶିକ୍ଷକଙ୍କ ପାଇଁ ସୂଚନା

୧. ଶିକ୍ଷାଦାନ ପୂର୍ବରୁ ମଧୁସୂଦନ ରାଓଙ୍କର ଏକ ଫଟୋ ସଂଗ୍ରହ କରି ଶ୍ରେଣୀଗୃହର କାନ୍ଥରେ ଟାଙ୍ଗିବେ ବା ଟେବୁଲ ଉପରେ ରଖିବେ ।

୨. କେଉଁ ସମୟଟି ସନ୍ଧ୍ୟା ଓ କେଉଁ ସମୟଟି ରାତି, ସେ ସମ୍ପର୍କରେ ସଂକ୍ଷେପରେ ଧାରଣା ଦେବେ।

୩. ସକାଳ, ମଧ୍ୟାହ୍ନ, ଅପରାହ୍ନ, ସନ୍ଧ୍ୟା, ଆଦି ଦିନର ବିଭିନ୍ନ ସମୟ ସମ୍ପର୍କରେ ଧାରଣା ଦେବେ।

୪. ସନ୍ଧ୍ୟା ହେଲେ ସହରର ରାସ୍ତାରେ କିପରି ଆଲୁଅ ଜଳେ, ଗ୍ରାମରେ ଥିବା ମନ୍ଦିରରେ କିପରି ଦୀପ ଓ ଆଳତି କରାଯାଏ ଓ ବିଭିନ୍ନ ଉପାସନା ଗୃହରେ ଯାହାଯାହା ସବୁ କରାଯାଏ ତାହା କହିବେ ।

## ଆସ ଜାଣିବା କେତୋଟି ଶବ୍ଦ

| | | | |
|---|---|---|---|
| ଦିନମଣି | ମହାଆନନ୍ଦ | ଆବରଇ | ଅନ୍ତେ |
| ରଜନୀରାଣୀ | ରତ୍ନ | ଭୁବନେ | ଆକୁଳ |
| ଯେଝା | ଗୋଠ | ମୁଦିବେ | ଅନ୍ତରେ |

## ଅଭ୍ୟାସ

**୧. ଆସ ପ୍ରଶ୍ନଗୁଡ଼ିକର ଉତ୍ତର କବିତାରୁ ବାହାର କରି ଲେଖିବା ।**

(କ) ଦିନମଣି ବୋଲି କାହାକୁ କୁହାଯାଇଛି ଓ କାହିଁକି ?

..............................................................................................

..............................................................................................

(ଖ) 'ଆସଇ ରଜନୀରାଣୀ ଧରି କଳାବେଶ' ଏକଥା କହିବାର ଅର୍ଥ କ'ଣ ?

..............................................................................................

..............................................................................................

(ଗ) ସବୁବେଳେ ଚାଷୀ କାହିଁକି ଆନନ୍ଦରେ ଘରକୁ ଫେରେ ବୋଲି କୁହାଯାଇଛି ?

..............................................................................................

..............................................................................................

(ଘ) 'ଖୁବ ଶୀଘ୍ର ଚାରିଆଡ଼ ଅନ୍ଧକାର ହୋଇଯାଏ' କବିତାର କେଉଁ ପଦରେ ଏହା କୁହାଯାଇଛି ।

..........................................................................................

..........................................................................................

(ଙ) ରାତି ସମୟରେ ଗହଳଚହଳ ଶୁଭେ ନାହିଁ କାହିଁକି ?

..........................................................................................

..........................................................................................

★ ଏହିଭଳି ଆଉକିଛି ପ୍ରଶ୍ନ ତିଆରି କରିବା ଏବଂ ସାଙ୍ଗମାନଙ୍କ ସହ ଆଲୋଚନା କରିବା ।

**୨. ଆସ କବିତାଟି ପଢ଼ିବା । 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭରେ ଥିବା କେଉଁ ଶବ୍ଦର ସମ୍ପର୍କ ଅଛି, ତାହାକୁ ଯୋଡ଼ି ଖାଲି ସ୍ଥାନରେ ଲେଖିବା ।**

| 'କ' | 'ଖ' | |
|---|---|---|
| ଆକୁଳ | ନୟନ | ........................ |
| ଯେଝା | ଅନ୍ତରେ | ........................ |
| ଧୂଳି | କଳାବେଶ | ........................ |
| ବାହୁଡ଼ଇ | ବାସେ | ........................ |
| ଘୋଟଇ | ଘରେ | ........................ |
| ମୁଦଇ | ଗଗନ | ........................ |
| | ଉଡ଼ାଇଣ | ........................ |

**୩. ତଳେ କେତୋଟି ଶବ୍ଦ ଦିଆଯାଇଛି । ତା'ର ଆଗରେ ଓ ପଛରେ ଖାଲି ଜାଗା ରହିଛି । କବିତା ଅନୁସାରେ ଧାଡ଼ିଗୁଡ଼ିକ ପୂରଣ କରିବା ।**

...............................................ଦିନମଣି.................................

...............................................ଗୋରୁପଲ.................................

...............................................ଗୀତଗାଇ.................................

...............................................ଜଳସ୍ଥଳ.................................

...............................................ଏ ଭୁବନେ.................................

୪. ‘ଉଡ଼ାଇଣ ଦାଣ୍ଡେ’ ଏଠାରେ ‘ଉଡ଼ାଇଣ’ର ଅର୍ଥ ‘ଉଡ଼ାଇ’ ଏହିଭଳି ଆଉ କିଛି ଶବ୍ଦ ଲେଖିବା ।

| | | |
|---|---|---|
| ଯେପରି | ଭସାଇଣ | ଭସାଇ |
| | ........... | ........... |
| | ........... | ........... |
| | ........... | ........... |
| | ........... | ........... |

୫. ‘ଅସ୍ତହେଲା ଦିନମଣି ହେଲା ଦିନ ଶେଷ’

ଏହି ପଦର ଅର୍ଥ ବୁଝାଇଲା ଭଳି ଚିତ୍ରଟିଏ ଆଙ୍କିବା

୬. **ଆସ ମନରୁ କବିତାର ପଦ ପୂରଣ କରିବା**

ପଶ୍ଚିମ ଆକାଶେ ଦେଖ ବୁଡ଼ିଲେଣି ରବି
ଆହାକି ................................................ ଛବି
ଧୀରେ ଧୀରେ ଜହ୍ନମାମୁଁ ଉଇଁଲେ ଆକାଶେ
ଗପ ଶୁଣେ .......................................... ପାଶେ

୭. **ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ସମାନ ଅର୍ଥ ବୁଝାଉଥିବା ଶବ୍ଦ କବିତାରୁ ଖୋଜିଆଣି ପାଖ ଘରେ ଲେଖିବା ।**

| | | | |
|---|---|---|---|
| ସୂର୍ଯ୍ୟ | | ପାହାଡ଼ | |
| ରାତି | | ପାଣି | |
| ସଞ୍ଜ | | ପୃଥିବୀ | |
| ଚଢ଼େଇ | | ବଣ | |

୮. ସୂର୍ଯ୍ୟ ଅସ୍ତ ହେଉଥାନ୍ତି ।
ପୂର୍ବ ଆକାଶ ଲୋହିତ ଦେଖାଯାଏ
ପକ୍ଷୀମାନେ ନିଜନିଜ ବସାକୁ ଫେରନ୍ତି ।
ଗୋରୁପଲ ଘରକୁ ଫେରନ୍ତି ।
ଲୋକମାନେ ନିଦରୁ ଉଠନ୍ତି ।
ଚାଷୀ ବିଲକୁ ଯାଏ ।
ଧୀରେଧୀରେ ଆକାଶରେ ତାରା ଦେଖାଯାଆନ୍ତି ।
ଲୋକମାନେ ନିଘୋଡ଼ ନିଦରେ ଶୋଇଥାନ୍ତି ।
ଠାକୁରଙ୍କ ପାଖରେ ଦୀପ ଦିଆଯାଏ ।
ଚାରିଆଡ଼େ କୋଳାହଳ ଶୁଭୁଥାଏ ।
ଚାଷୀମାନେ ଆନନ୍ଦରେ ଗୀତ ଗାଇ ଘରକୁ ଫେରନ୍ତି ।

**ଉପରେ କେତେଗୁଡ଼ିଏ କଥା ଲେଖାଯାଇଛି । ସେଥି ମଧ୍ୟରୁ 'ସନ୍ଧ୍ୟା' ସମ୍ପର୍କରେ ଥିବା କଥା ଗୁଡ଼ିକୁ ବାଛି ଖାତାରେ ଲେଖିବା ।**

୯. **ନିଜ ଭାଷାରେ ତଳ ପଦଟିର ଅର୍ଥ ଲେଖିବା ।**

ରତ୍ନ ଦୀପାବଳି ପ୍ରାୟେ ତାରା କୋଟିକୋଟି
ଜଳୁଛନ୍ତି ଆକାଶରେ ହୋଇ ଗୋଟିଗୋଟି ।

.................................................................
.................................................................
.................................................................
.................................................................
.................................................................
.................................................................

୧୦. **ସନ୍ଧ୍ୟା ହେଲେ ଆମେ କ'ଣ କ'ଣ କରୁ ଆସ ଲେଖିବା ।**

.................................................................
.................................................................
.................................................................
.................................................................
.................................................................
.................................................................

### ତୁମ ପାଇଁ କାମ

- ସନ୍ଧ୍ୟା ସମ୍ପର୍କରେ ଲେଖାଯାଇଥିବା ଅନ୍ୟାନ୍ୟ କବିତା ସଂଗ୍ରହ କର ।
- ସନ୍ଧ୍ୟା ହେଲେ ତୁମଗାଆଁ ବା ସହରର ଲୋକମାନେ କ'ଣ କରନ୍ତି ଲେଖ ।

